


ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ କ୍ରିକେଟ ଦଳ ମଧ୍ୟରେ ଚାଲିଥିବା ବିବାଦ ଜାରି ରହିଛି । ଭାରତୀୟ ଦଳ ଏସିଆ କପ୍ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ସାତ ୱିକେଟ୍‌ରେ ଏବଂ ସୁପର ୪ ମ୍ୟାଚ୍‌ରେ ଛଅ ୱିକେଟ୍‌ରେ ପରାସ୍ତ କରିଥିଲା । ସେପ୍ଟେମ୍ବର ୧୪ ମ୍ୟାଚ୍‌କୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ଆଇସିସିରେ ଦୁଇଟି ଅଭିଯୋଗ ଦାଖଲ କରିଥିଲା, ଯାହା ପରେ ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଭାରତୀୟ ଅଧିନାୟକଙ୍କଠାରୁ ଜବାବ ମାଗିଛନ୍ତି । ଅନ୍ୟପଟେ ସେପ୍ଟେମ୍ବର ୨୧ରେ ସୁପର ୪ ମ୍ୟାଚ୍‌ରେ ସାହିବଜାଦା ଫରହାନ୍ ଏବଂ ହାରିସ୍ ରୌଫ୍‌ଙ୍କ ଉତ୍ତେଜନାପୂର୍ଣ୍ଣ ଏବଂ ଅଶାଳୀନ ଆଚରଣ ସମ୍ପର୍କରେ ଭାରତୀୟ ଦଳ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଭାରତୀୟ ଦଳ ରୌଫ୍ ଏବଂ ଫରହାନ୍‌ଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛି । ରବିବାର ମ୍ୟାଚ୍‌ରେ, ଫରହାନ୍ ଅର୍ଦ୍ଧଶତକ ହାସଲ କରିବା ପରେ ତାଙ୍କ ବ୍ୟାଟ୍‌ରେ 'ବନ୍ଧୁକ ଫୁଟାଉଥିବା' ଭଳି ଅଙ୍ଗଭଙ୍ଗୀ କରିଥିଲେ, ଯେତେବେଳେ ସଞ୍ଜୁ ସାମସନ୍‌ଙ୍କ ୱିକେଟ୍ ନେବା ପରେ ହାରିସ୍ ରୌଫ୍ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ । ଏହା ବ୍ୟତୀତ, ସେ ଅଭିଷେକ ଶର୍ମା ଏବଂ ଶୁଭମନ ଗିଲ୍‌ଙ୍କ ସହ ପାଟିତୁଣ୍ଡ କରିଥିଲେ, ଯାହା ଉପରେ ବିସିସିଆଇ କଡ଼ା ଆପତ୍ତି କରିଛି । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଯେ ପଡ଼ିଆରେ ଏପରି ଆଚରଣ ବିଷୟରେ ଆଣ୍ଡି ପାଇକ୍ରଫ୍ଟଙ୍କୁ ଅଭିଯୋଗ କରିଛୁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛୁ । ପାଇକ୍ରଫ୍ଟଙ୍କ ନିକଟରେ ଏକ ଅଭିଯୋଗ କରାଯାଇଛି, ଯେଉଁଥିରେ ରୌଫ ଏବଂ ସାହିବଜାଦାଙ୍କର ଭିଡିଓ ଇମେଲରେ ସଂଲଗ୍ନ ଅଛି । ଅଭିଯୋଗରେ ସାହିବଜାଦାଙ୍କ ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଉଲ୍ଲେଖ କରାଯାଇଛି ।

### ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

# ଗିଲ୍ ଅଧିନାୟକ, ଜାଡେଜା ଉପ-ଅଧିନାୟକ




ମୁମ୍ବାଇ : ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ବିଶିଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । ମୁଖ୍ୟ ଚୟନକର୍ତ୍ତା ଅଜିତ ଆଗରକରଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକ ପରେ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି । ଏହି ଗସ୍ତ ପାଇଁ ଶୁବମନ ଗିଲ ଅଧିନାୟକ ଏବଂ ରବିନ୍ଦ୍ର ଜାଡେଜା ଉପ-ଅଧିନାୟକ କରାଯାଇଛି । ୨ଟି ଟେଷ୍ଟ ଖେଳିବାକୁ ଅକ୍ଟୋବରରେ ଭାରତ ଆସିବ ୱେଷ୍ଟଇଣ୍ଡିଜ୍ । ଦେବଦତ୍ତ ପାଡିକ୍କଲଙ୍କୁ ମଧ୍ୟ ଭାରତର ଟେଷ୍ଟ ଦଳରେ ସାମିଲ କରାଯାଇଛି । ଶ୍ରେୟସ ଆୟରଙ୍କୁ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇ ନାହିଁ । ପ୍ରକୃତରେ, ଆୟର ତାଙ୍କ ପିଠି ସମସ୍ୟା ବିଷୟରେ ବିସିସିଆଇକୁ ଏକ ଚିଠି ଲେଖି ଜଣାଇଥିଲେ । ସେହିପରି କରୁଣ ନାୟାର ଦଳରୁ ବାଦ ପଡ଼ିଛନ୍ତି । ଏନ. ଜଗଦୀସନଙ୍କୁ ବ୍ୟାକଅପ୍ ୱିକେଟକିପର ଭାବରେ ଦଳରେ ସାମିଲ କରାଯାଇଛି । ୨ଟି ଟେଷ୍ଟ ଖେଳିବାକୁ ଅକ୍ଟୋବରରେ ଭାରତ ଆସିବ ୱେଷ୍ଟଇଣ୍ଡିଜ୍ । ପ୍ରଥମ ଟେଷ୍ଟ ୨ ଅକ୍ଟୋବରରେ ଅହମ୍ମଦାବାଦଠାରେ ଓ ୨ୟ ଟେଷ୍ଟ ୧୦ ଅକ୍ଟୋବରରେ ଦିଲ୍ଲୀରେ ଖେଳାଯିବ । ସିରିଜ ଆରମ୍ଭ ହେବା ପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଶିକ୍ଷକ ଡାରେନ ସାମି ଟିମ ଇଣ୍ଡିଆକୁ ଏକ ସୂକ୍ଷ୍ମ ଚ୍ୟାଲେଞ୍ଜ ଦେଇଛନ୍ତି । ସେ କହିଛନ୍ତି, ଯଦି ନ୍ୟୁଜିଲାଣ୍ଡ ଦଳ ଘରୋଇ ପରିବେଶରେ ଭାରତକୁ ପରାସ୍ତ କରିପାରିବ, ତେବେ ସେମାନେ ମଧ୍ୟ ସେହିପରି କରିପାରିବେ । ସୂଚନାଯୋଗ୍ୟ ଯେ ୨ଟି ଟେଷ୍ଟ ଖେଳିବାକୁ ଅକ୍ଟୋବରରେ ଭାରତ ଆସିବ ୱେଷ୍ଟଇଣ୍ଡିଜ୍ । ପ୍ରଥମ ଟେଷ୍ଟ ୨ ଅକ୍ଟୋବରରେ ଅହମ୍ମଦାବାଦଠାରେ ଓ ୨ୟ ଟେଷ୍ଟ ୧୦ ଅକ୍ଟୋବରରେ ଦିଲ୍ଲୀରେ ଖେଳାଯିବ । ଶୁବମନ ଗିଲ୍(ଅଧିନାୟକ), ରବିନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକଲ୍ଲ, ଧ୍ରୁବ ଜୁରେଲ (ୱିକେଟ୍ ରକ୍ଷକ),ୱାସିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ଏନ.ଜଗଦୀଶନ, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା । ଭାରତ ଏବଂ ୱେଷ୍ଟଇଣ୍ଡିଜ ଏପର୍ଯ୍ୟନ୍ତ ୧୦୦ ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଭାରତ ୨୩ ଟେଷ୍ଟ ଜିତିଛି ଏବଂ ୱେଷ୍ଟଇଣ୍ଡିଜ ୩୦ ଜିତିଛି । ଉଭୟଙ୍କ ମଧ୍ୟରେ ମୋଟ ୪୭ ଟେଷ୍ଟ ମ୍ୟାଚ ଡ୍ର ହୋଇଛି । ଭାରତ ଲଗାତାର ନଅଟି ଟେଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ ଶେଷ ଥର ପାଇଁ ୨୦୦୨ରେ ଭାରତ ବିପକ୍ଷରେ ଏକ ଟେଷ୍ଟ ସିରିଜ ଜିତିଥିଲା ।

### ଜାତୀୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା

## ଅମିର ମନୋନୀତ



ସୁବର୍ଣ୍ଣପୁର (ଭାସ୍କର ନ୍ୟୁଜ୍) : ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ଅନ୍ତର୍ଗତ ଉପରଫବସି ଗ୍ରାମର ଦିଗସେନ ଦିପଙ୍କ ପୁଅ ଡି ଅମିର ଦିପ ଜାତୀୟସ୍ତରର ହ୍ୟାଣ୍ଡବଲ ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାର ଖୁଜେନପାଲିରେ ଥିବା ଆଇଡିଏମ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ବରଗଡ ଜିଲ୍ଲା ତରଫରୁ କଟକ ବାରବାଟି ମିନି ଷ୍ଟାଡିୟମରେ ଖେଳି ଓଡିଶା ପକ୍ଷରୁ ଜାତୀୟସ୍ତରେ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଇଛନ୍ତି । ଏବେ ସେ ହାଇଦ୍ରାବାଦକୁ କୋଚିଙ୍ଗ ପାଇଁ ଯିବେ । କୋଚିଙ୍ଗ ପରେ ସେ ନ୍ୟାସନାଲ ଲେଭେଲରେ ଭାଗ ନେବେ । ତାଙ୍କର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଅଭିନନ୍ଦନ ଜଣାଇବା ସହିତ ଜାତୀୟସ୍ତରରେ ବିଜୟୀ ହେବାକୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କର ଘର ସୋନପୁର ଜିଲ୍ଲାର ହୋଇଥିବାରୁ ତାଙ୍କର ପରିବାରରେ ଅନେକ ଉତ୍ସାହ ଓ ଉଧିପନା ଦେଖିବାକୁ ମିଳିଥିବା ବେଳେ ଅଂଚଳରେ ଅନେକ ଶୁଭେଚ୍ଛାର ସୁଅ ଛୁଟିଛି ।

### ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍

# ଅଂଶଗ୍ରହଣ କରିବେ ୨୨ ଦେଶର କ୍ରୀଡ଼ାବିତ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶାରେ ପ୍ରଥମ ଥର ପାଇଁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯିବ । ଅକ୍ଟୋବର ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ ର ଆୟୋଜନ କରାଯିବ । ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ । ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କଜାକିସ୍ତାନ, କିର୍ଗିସ୍ତାନ, ମାଲେସିଆ, ମାଲଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପରେ ଅଂଶଗ୍ରହଣ କରିବେ । ଏହି ଚାମ୍ପିୟନସିପରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ । ଆଜି କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତା ଆୟୋଜନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ ସଫଳତାର ସହ ହେବ ବୋଲି କହିଛନ୍ତି ଭାରତୀୟ ଟେବୁଲ ଟେନିସ୍ ମହାସଂଘର ସଭାପତି କମଳେଶ ମେହେଟା । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନର ସେକ୍ରେଟାରୀ ରବୀନ୍ଦ୍ର ପରିଡ଼ା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏନ୍. ଗଣେଶନ୍, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡ଼. ଯେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବର୍ଦ୍ଧିତ ହେଲ ସ୍ୱର୍ଣ୍ଣ ବିଜେତା



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଅର୍ନ୍ତରାଷ୍ଟ୍ରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଝାଡଖଣ୍ଡ ସ୍ଥିତ ଟାଟା ନଗରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କରଞ୍ଜିଆର ସତ୍ୟାନନ୍ଦ ଜେନା ମାଷ୍ଟର ବିଭାଗ ଓ ବରିଷ୍ଠ ବିଭାଗରେ ଭାଗ ନେଇ ସ୍ୱର୍ଣ୍ଣ ଜିତି ଏ ଅଂଚଳ ପାଇଁ ଗୌରବ ଆଣିଥିଲେ । ତାଙ୍କର ଏହି ସଫଳତା ପାଇଁ ତଥା ଆଗକୁ ବଢିବାର ପ୍ରେରଣା ଦେବାକୁ ଯାଇ ବାବା ବିଶ୍ୱକର୍ମା ପୂଜା କମିଟି ଗୋଲେଇ ଅନୁକୁଲ୍ୟ ରେ ହେଇଥିବା କୋଣାର୍କ ଗଣନାଟ୍ୟ ମଞ୍ଚ ରେ କମିଟି ର ସଭାପତି ଧାନ ସାହୁଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଅଭିନେତା ଦୈତାରି ପଣ୍ଡା, ବସନ୍ତ ସାହୁ ଯୋଗ ଦେଇ ଶକ୍ତି ଉତ୍ତୋଳନରେ ସ୍ୱର୍ଣ୍ଣ ଜିତିଥିବା ସତ୍ୟାନନ୍ଦ ଜେନାଙ୍କୁ ଟ୍ରଫି, ମାନପତ୍ର ଦେଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ପର୍ବରେ କମିଟିର ପାର୍ଥ ପାତ୍ର, ଭାଗବତ ଚନ୍ଦ୍ର ଦାସ, କ୍ଷୀରୋଦ ମହନ୍ତ, ମହାବୀର ଅଗ୍ରୱାଲା, ଝୁନା ସାହୁ ଓ କୋଣାର୍କ ଗଣନାଟ୍ୟର କଳାକାରମାନେ ଉପସ୍ଥିତ ଥିଲେ । ଶେଷରେ କମିଟିର ବରିଷ୍ଠ ସଦସ୍ୟ ପାର୍ଥ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## ଏସିଆ କପ୍‌ର ସୁପର-୪ ମ୍ୟାଚ୍: ଭଲ ସ୍ଥିତିରେ ପାକିସ୍ତାନ

ଦୁବାଇ : ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଖେଳାଯାଉଥିବା ଏସିଆ କପ୍ ସୁପର-୪ ମ୍ୟାଚ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଛି । ଏହି ମ୍ୟାଚରେ ବାଂଲାଦେଶ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୫ ରନ କରିଥିଲା । ପାକିସ୍ତାନ ଆରମ୍ଭରୁ ମାତ୍ର ୫ ରନରେ ୨ଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା । ଦଳର ସ୍କୋର ୪୯ ବେଳକୁ ୫ଟି ୱିକେଟ ପଡ଼ିସାରିଥିଲା । ଶେଷ ପର୍ଯ୍ୟନ୍ତ ଦଳ ଏହି ବିପର୍ଯ୍ୟୟରୁ ଉଠି ପାରିନଥିଲା । ଦଳ ପକ୍ଷରୁ ମହମ୍ମଦ ହ୍ୟାରିସ୍ ୩୧ ରନ, ମହମ୍ମଦ ନୱାଜ ୨୫ ରନ କରିଥିଲେ । ଅଧିନାୟକ ସଲମାନ ଆଗା ଓ ଶାହିନ ଆଫ୍ରିଦି ୧୯ ରନ ଲେଖାଏଁ କରିଥିଲେ । ବାଂଲାଦେଶ ପକ୍ଷରୁ ତସ୍କିନ ଅହମ୍ମଦ ୩ଟି ୱିକେଟ ନେଇଥିବାବେଳେ ମେହିଦି ହାସାନ ଓ ରିସଦ ହୁସେନ ୨ଟି ଲେଖାଏଁ ୱିକେଟ ନେଇଥିଲେ । ୧୩୬ରନ୍‌ର ଟାର୍ଗେଟ ନେଇ ବାଂଲାଦେଶ ନିଜର ପାଳି ଆରମ୍ଭ କରିଥିଲା । ଦଳର କୌଣସି ଖେଳାଳି ମଧ୍ୟ ଆଖିଦୃଶିଆ ରନ୍ କରିପାରିନଥିଲେ । ଦଳ ପକ୍ଷରୁ ସେଫ୍ ହାସନ ୧୮, ତ୍ୱହିଦ୍ ହ୍ରିଡ୍ଏ ୫, ମେହେନ୍ଦି ହାସନ୍ ୧୧, ନୁରୁଲ ହାସ ୧୬ ରନ୍ କରି ଆଉଟ ହୋଇଛନ୍ତି । ସାମିମ୍ ହୋସେନ୍ ୧୦ରନ୍ ଓ ଅଧିନାୟକ ୧ରନ୍ କରି ବ୍ୟାଟିଂ ଜାରି ରଖିଛନ୍ତି । ପାକିସ୍ତାନ ପକ୍ଷରୁ ସାହେନ ଆଫ୍ରିଦ୍ ୨ ଓ ହାରିସ୍ ରୁଫ୍, ମହମ୍ମଦ ନୱାଜ, ସାମ ଆୟୁବ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି । ରିପୋର୍ଟ ଲେଖା ହେଲା ବେଳକୁ ବାଂଲାଦେ ଦେଶ ୧୩ଓଭରରେ ୫ୱିକେଟର ହରାଇ ୬୬ରନ୍ ସଂଗ୍ରହ କରିନେଇଛି ।


## ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

IDFC FIRST Bank

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆରଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬୪ ୪୦୦୦ । ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

### ଆପେଣ୍ଡିକ୍ସ ୪ (ରୁଲ୍ ୮(୧)
### ପଜେସନ ନୋଟିସ
### (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି । ସିକ୍ୟୁରିଟାଇଜେସନ୍ ଆଣ୍ଡ କନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୮.୦୬.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ତରଣୀ ଦେହୁରୀ,୨. ସୁରେନ୍ଦ୍ର ଦେହୁରୀ, ସୁକାନ୍ତି ଦେହୁରୀ** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୪,୧୧,୭୮୧.୦୮/-** (ଚାରି ଲକ୍ଷ ଏଗାର ହଜାର ସାତଶହ ଏକାଅଶୀ ଏବଂ ଆଠ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୮.୦୬.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୦ ସେପ୍ଟେମ୍ବର ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି ।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ । ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୪,୧୧,୭୮୧.୦୮/-** (ଚାରି ଲକ୍ଷ ଏଗାର ହଜାର ସାତଶହ ଏକାଅଶୀ ଏବଂ ଆଠ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ବନ୍ଧକ ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଚକ ଖାତା ନଂ ୬୦୭/୧୩୪, ପ୍ଲଟ ନଂ ୧୦୯୨/୨୪୨୦, ଏରିଆ ଏ.୦.୦୨୦ ଡିସିମିଲ, ମୌଜା ଅବସ୍ଥିତି: ପରମାଣପୁର, ପିଏସ୍-ଶାସନ, ତହସିଲ- ମାନେଶ୍ୱର, ଜିଲ୍ଲା- ସମ୍ବଲପୁର, ଓଡ଼ିଶା-୭୬୮୨୦୦, ପୂର୍ବ- ପ୍ଲଟ ନଂ ୧୦୯୨, ପଶ୍ଚିମ- ରାସ୍ତା, ଉତ୍ତର- ପ୍ରଶାନ୍ତ ବାରିକ, ଦକ୍ଷିଣ- ରାସ୍ତା ।

ତାରିଖ : ୨୦ ସେପ୍ଟେମ୍ବର ୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୧୩୦୧୩୦୪୫୧

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



## ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

IDFC FIRST Bank

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆରଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬୪ ୪୦୦୦ । ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

### ଆପେଣ୍ଡିକ୍ସ ୪ (ରୁଲ୍ ୮(୧)
### ପଜେସନ ନୋଟିସ
### (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା ।

ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି ।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| ୪୧୭୬୮୬୧୬ | ୧. ଅଗାଧୁ ଚରଣ ଜେନା<br>୨. ପୂର୍ଣ୍ଣିମା ଜେନା | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ୍ ନଂ ୧୧୦, ପ୍ଲଟ ଏରିଆ ୨୧୭୮୯ ବର୍ଗଫୁଟ, ଖାତା ନଂ-୪୯୮/୫୨, ମୌଜା ଅବସ୍ଥିତି: ସରସୁଦ୍ଧା, ଏସଆରଓ/ ତହସିଲ- ଜଗତସିଂହପୁର, ଜିଲ୍ଲା- ଜଗତସିଂହପୁର, ଓଡ଼ିଶା-୭୫୪୧୦୩, ଏବଂ ବାଉଣ୍ଡାରୀ: ଉତ୍ତର- ମାଲିକ, ଦକ୍ଷିଣ- ସୁଧାକର ଜେନ, ପଶ୍ଚିମ- ବିକ୍ରେତା, ପୂର୍ବ- ରାସ୍ତା । | ୦୯.୦୬.୨୦୨୫ | ଟ. ୫,୭୧,୭୩୬.୧୭/- | ୧୯.୦୯.୨୦୨୫ ପଜେସନ୍ |
| ୯୮୩୭୧୩୬୬ ଏବଂ ୪୪୯୭୮୩୫୯ | ୧. କୈଳାଶ ଚନ୍ଦ୍ର ଦାସ<br>୨. ବନଲତା ଦାସ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୭୫/୨୮୪, ଏରିଆ ଏ.୦.୧୪୦ ଡିସିମିଲ୍ ଅଧୀନ ଖାତା ନଂ ୧୪୦/୩୫, ମୌଜା ଅବସ୍ଥିତି: ଅସରଣା, ତହସିଲ- ଏରସମା, ନଂ.୪୦୧, ଥାନା- ଏରସମା, ନଂ.୭୩, ଏସଆର- କୁଜଙ୍ଗ, ଜିଲ୍ଲା- ଜଗତସିଂହପୁର, ଓଡ଼ିଶା-୭୫୪୧୩୯, ଏବଂ ବାଉଣ୍ଡାରୀ: ଉତ୍ତର- କେନାଲ, ଦକ୍ଷିଣ- କେନାଲ ଏବଂ ରାସ୍ତା, ପଶ୍ଚିମ- ଦାମୋଦର ପ୍ରଧାନ, ପୂର୍ବ- କୈଳାଶ ଚନ୍ଦ୍ର ବିଶ୍ୱାଳ | ୧୮.୦୬.୨୦୨୫ | ଟ. ୯,୬୯,୭୯୯.୯୧/- | ୧୯.୦୯.୨୦୨୫ ପଜେସନ୍ |

ଏତଦ୍ୱାରା ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ଋଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି ।

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

ତାରିଖ: ୧୯.୦୯.୨୦୨୫
ସ୍ଥାନ:ଓଡିଶା



**THIS IS A PUBLIC ANOUNCEMENT FOR INFORMATION PURPOSE ONLY AND IS NOT A PROSPECTUS ANNOUNCEMENT AND DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES. THIS IS NOT FOR RELEASE, PUBLICATION OR DISTRIBUTION DIRECTLY OR INDIRECTLY OUTSIDE INDIA**

## UTKAL SPECIALITY INDUSTRIES INDIA LIMITED

Our Company was originally incorporated on September 01, 2015 at Cuttack, Odisha as a Private Limited Company in the name and style of "Utkal Speciality Industries India Private Limited" under the provisions of the Companies Act, 2013 vide Certificate of Incorporation bearing CIN: U21000OR2015PTC019359 issued by the Registrar of Companies, Cuttack. Further, our Company was converted into a Public Limited Company pursuant to Special Resolution passed by the shareholders of our Company at the Extra- Ordinary General Meeting held on December 24, 2024, and consequently the name of our Company was changed from "Utkal Speciality Industries India Private Limited" to "Utkal Speciality Industries India Limited" and a fresh certificate of incorporation dated January 22, 2025 pursuant to conversion from Private Limited Company to Public Limited Company was issued by the Registrar of Companies, Central Registration Centre bearing CIN: U21000OR2015PLC019359. For details of change in the name of our Company and address of registered office of our Company, see "History and Certain Corporate Matters" on Page No. 220 of this Draft Red Herring Prospectus.

Registered and Corporate Office: IDC0 Plot No. I/5/B, Food Processing Park, Khurda, Odisha, India, 752057
Contact Person: Satyabrata Baral **Tel: +91 90401-34060, Mail: compliance@utkalspeciality.com**
**Website: www.utkalspeciality.com**
Corporate Identity Number: U21000OR2015PLC019359

**OUR PROMOTERS:** MR. AKASH AGRAWAL, MR. MANOJ KUMAR AGRAWAL AND MRS. MEENA AGARWAL

THE ISSUE IS BEING MADE IN ACCORDANCE WITH CHAPTER IX OF THE SEBI ICDR REGULATIONS (IPO OF SMALL AND MEDIUM ENTERPRISES) AND THE DRAFT RED HERRING PROSPECTUS ("DRAFT RED HERRING PROSPECTUS") DATED SEPTEMBER 25,2025 HAS BEEN FILED WITH THE SME PLATFORM OF NATIONAL STOCK EXCHANGE (NSE EMERGE)

INITIAL PUBLIC OFFERING OF UP TO **54,24,000** EQUITY SHARES OF FACE VALUE OF ₹ 10 EACH ("EQUITY SHARES") OF OUR COMPANY FOR CASH AT A PRICE OF ₹ [●] PER EQUITY SHARE (INCLUDING A SHARE PREMIUM OF ₹ [●] PER EQUITY SHARE) ("OFFER PRICE") AGGREGATING UP TO ₹ [●] LAKHS (THE "OFFER") COMPRISING A FRESH ISSUE OF UP TO **54,24,000** EQUITY SHARES AGGREGATING UP TO ₹ [●] LAKHS BY OUR COMPANY (THE "FRESH ISSUE") OF WHICH UPTO [●] EQUITY SHARES AGGREGATING TO ₹ [●] LACS WILL BE RESERVED FOR SUBSCRIPTION BY MARKET MAKER TO THE OFFER (THE "MARKET MAKER RESERVATION PORTION"). THE OFFER LESS MARKET MAKER RESERVATION PORTION I.E., NET OFFER OF UPTO [●] EQUITY SHARES AT AN OFFER PRICE OF ₹ [●] PER EQUITY SHARE AGGREGATING TO ₹ [●] LAKHS IS HEREINAFTER REFERRED TO AS THE "NET OFFER". THE OFFER AND THE NET OFFER WILL CONSTITUTE [●] % AND [●] %, RESPECTIVELY OF THE POST OFFER PAID UP EQUITY SHARE CAPITAL OF OUR COMPANY.

THE PRICE BAND AND THE MINIMUM BID LOT WILL BE DECIDED BY OUR COMPANY AND PROMOTER SELLING SHAREHOLDERS IN CONSULTATION WITH THE BOOK RUNNING LEAD MANAGER AND WILL BE ADVERTISED IN ALL EDITIONS OF [●] (A WIDELY CIRCULATED ENGLISH NATIONAL DAILY NEWSPAPER), ALL EDITIONS OF [●] (A WIDELY CIRCULATED HINDI NATIONAL DAILY NEWSPAPER, AND ALL EDITIONS OF [●] (A WIDELY CIRCULATED ODIA REGIONAL DAILY NEWSPAPER), (ODIA BEING THE REGIONAL LANGUAGE OF THE STATE OF ODISHA, WHERE OUR REGISTERED OFFICE IS LOCATED), AT LEAST TWO WORKING DAYS PRIOR TO THE BID/OFFER OPENING DATE AND SHALL BE MADE AVAILABLE TO SME PLATFORM OF THE NATIONAL STOCK EXCHANGE ("NSE EMERGE") FOR THE PURPOSES OF UPLOADING ON THEIR WEBSITE IN ACCORDANCE WITH THE SEBI ICDR REGULATIONS.

In case of any revision in the Price Band, the Bid/Issue Period shall be extended for at least three additional Working Days after such revision of the Price Band, subject to the total Bid/Issue Period not exceeding 10 Working Days. In cases of force major, banking strike or similar circumstances, our Company, for reasons to be recorded in writing extend the Bid/Issue Period for a minimum of three Working Days, subject to the Bid/Issue Period not exceeding 10 Working Days. Any revision in the Price Band, and the revised Bid/Issue Period, if applicable, shall be widely disseminated by notification to the Stock Exchanges by issuing a press release and also by indicating the change on the website of the BRLM and at the terminals of the Members of the Syndicate and by intimation to Designated Intermediaries and Sponsor Bank.

The Offer is being made through the Book Building Process, in terms of Rule 19(2)(b)(i) of the Securities Contracts (Regulation) Rules, 1957, as amended ("SCRR") read with Regulation 253 of the SEBI ICDR Regulations, as amended, wherein not more than 50% of the Net Offer shall be allocated on a proportionate basis to Qualified Institutional Buyers ("QIBs", the "QIB Portion"), provided that our Company and Selling Shareholders may, in consultation with the Book Running Lead Managers, allocate up to 60% of the QIB Portion to Anchor Investors on a discretionary basis in accordance with the SEBI ICDR Regulations ("Anchor Investor Portion"), of which one-third shall be reserved for domestic Mutual Funds, subject to valid Bids being received from domestic Mutual Funds at or above the Anchor Investor Allocation Price. In the event of under-subscription, or non-allocation in the Anchor Investor Portion, the balance Equity Shares shall be added to the Net QIB Portion. Further, 5% of the Net QIB Portion shall be available for allocation on a proportionate basis only to Mutual Funds, and the remainder of the Net QIB Portion shall be available for allocation on a proportionate basis to all QIBs, including Mutual Funds, subject to valid Bids being received at or above the Offer Price. However, if the aggregate demand from Mutual Funds is less than 5% of the Net QIB Portion, the balance Equity Shares available for allocation in the Mutual Fund Portion will be added to the remaining Net QIB Portion for proportionate allocation to QIBs. Further, not less than 15% of the Net Issue shall be available for allocation on a proportionate basis to Non-Institutional Bidders and not less than 35% of the Net Issue shall be available for allocation to Individual investors in accordance with the SEBI ICDR Regulations, subject to valid Bids being received at or above the Offer Price. All potential Bidders (except Anchor Investors) are required to mandatorily utilise the Application Supported by Blocked Amount ("ASBA") process providing details of their respective ASBA accounts, and UPI ID in case of RIBs using the UPI Mechanism, if applicable, in which the corresponding Bid Amounts will be blocked by the SCSBs or by the Sponsor Bank under the UPI Mechanism, as the case may be, to the extent of respective Bid Amounts. Anchor Investors are not permitted to participate in the Offer through the ASBA process. For details, see "Offer Procedure" beginning on page 381 of this Draft Red Herring Prospectus.

This public announcement is made in compliance with the press release PR NO. 36/2024 on December 18, 2024 of 208th SF Meeting on "Review of SME Framework under SEBI (ICDR) Regulations, 2018 and applicability of corporate governance provisions under SEB Regulations, 2015 on SME Companies. The Draft Red Herring Prospectus filed with the SME Platform of National Stock Exchange of India Limited ("NSE EMERGE") shall be made available to the public for comments, If any, for a period of at least 21 days, from the date of such filing by hosting it on the website of the NSE at https://www.nseindia.com, and the website of the Company at www.utkalspeciality.com, and at the website of BRLM i.e Affinity Global Capital Market Private Limited ie www.affinityglobalcap.in. Our Company hereby invites the members of the public to give their comments to Stock Exchange, to Company Secretary and Compliance Officer of our Company and/or the BRLM at their respective addresses mentioned below. All comments must be received by NSE EMERGE and/or our Company and/or BRLM in relation to the issue on or before 5 p.m. on the 21st day from the aforesaid date of filing the Draft Red Herring Prospectus with NSE EMERGE.

Investments in Equity and Equity related securities involve a degree of risk and investors should not invest any funds in this Offer unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in the Offer. For taking an investment decision, investors must rely on their own examination of our Company and the Offer, including the risks involved. The Equity Shares issued in the Offer have not been recommended or approved by the Securities and Exchange Board of India ("SEBI"), nor does SEBI guarantee the accuracy or adequacy of the contents of the Draft Red Herring Prospectus. Specific attention of the investors is invited to the Section titled "Risk Factors" beginning on page 46 of the Draft Red Herring Prospectus.

Any decision to invest in the Equity Shares described in the Draft Red Herring Prospectus may only be made after the red herring prospectus ("Red Herring Prospectus") has been filed with the RoC and must be made solely on the basis of such Red Herring Prospectus as there may be material changes in the Red Herring Prospectus from the Draft Red Herring Prospectus

For details of the main objects of the Company as contained in its Memorandum of Association, see "History and Certain Corporate Matters" on page 220 of the Draft Red Herring Prospectus. The liability of the members of the Company is limited. For details of the share capital and capital structure of the Company and the names of the signatories to the Memorandum of Association and the number of shares subscribed by them see "Capital Structure" on page 97 of the Draft Red Herring Prospectus

The Equity Shares of our Company offered through this Draft Red Herring Prospectus are proposed to be listed on the Emerge Platform of National Stock Exchange of India Limited in terms of the Chapter IX of the SEBI (ICDR) Regulations, 2018 as amended from time to time. For the purpose of this Offer, National Stock Exchange of India Limited shall be the Designated Stock Exchange.

| BOOK RUNNING LEAD MANAGERS | REGISTRAR TO THE ISSUE |
|---|---|
| **Affinity Global Capital Market Private Limited**<br>20B, Abdul Hamid Street, EastIndia House, 1st Floor, Room No.: 1F, Kolkata – 700069, West Bengal, India<br>**Telephone:** +91 334004 7188<br>**E-mail:** compliance@affinityglobal.in<br>**Investor Grievance ID:** investor@affinityglobalcap.in<br>**Website:** www.affinityglobalcap.in<br>**Contact Person:** Mr. Anandarup Ghoshal<br>**SEBI Registration Number:** INM000012838 | CAMEO<br>**Cameo Corporate Services Limited**<br>Subramanian Building" 1 Club House Road, Chennai-600002<br>**Tel:** +914067162222<br>**E-mail:** priya@cameoindia.com<br>**Investor Grievance e-mail:** investor@cameoindia.com<br>**Website:** www.cameoindia.com<br>**Contact Person:** Mrs.K.Sreepriya<br>**SEBI Registration No.:** INR000003753 |

**COMPANY SECRETARY AND COMPLIANCE OFFICER**

| | |
|---|---|
| Mr. Satyabrata Baral<br>Company Secretary & Compliance Officer<br>Batagaon, Batagaon, Batagaon Dhenkanal, Odisha-759018<br>Tel: +91 90401-34060<br>Email: compliance@utkalspeciality.com<br>Website :- www.utkalspeciality.com | Investors can contact our Company Secretary and Compliance Officer, Book Running Lead Manager or Regiar to the Issue, in case of any pre issue or post issue related problems, such as non- receipt of letter of allotment, non-credit of allotted Equity shares in the respective beneficiary account, non-receipt of refund orders and non-receipt of funds by electronic mode etc. |

All Capitalised terms used hereinand not specifically defined have the same meaning as ascribed to them in the Draft Red Herring Prospectus

**Place : Khurda, Odisha**
**Dated:25.09.2025**

**For Utkal Speciality Industries India Limited**
**For on and behalf of Board of Directors**
**Sd/-**
**Akash Agrawal, Managing Director**

Utkal Speciality Industries India Limited is proposing, subject to applicable statutory and regulatory requirements, receipt of requisite annovals, market conditions and other considerations, to undertake an initial public offer of its Equity Shares and has filed the Draft Red Herring Prospectus dated September 25,2025 with NSE EMERGE. The Draft Red Herring Prospectus is available on the website of NSE at https://www.nseindia.com and on the website of the BRLM, i.e. Affinity Global Capital Market Private Limited i.e. www.affinityglobalcap.in, and the website of our Company at www.utkalspeciality.com.Potential investors should note that investment in equity shares involves a high degree of risk and for details relating to such risk, see the section titled "Risk Factors" beginning on page 46 of the DRAFT RED HERRING PROSPECTUS Potential investors should not rely on the Draft Red Herring Prospectus filed with NSE EMERGE for making any investment decision.

The Equity Shares offered in the Issue have not been and will not be registered under the U.S. Securities Act of 1933 (the "U.S. Securities Act") or any state securities laws in the United States, and unless so registered, and may not be offered or sold within the United States, except pursuant to an exemption from, or in a transaction not subject to, the registration requirements of the U.S. Securities Act and applicable U.S. state securities laws. Accordingly, the Equity Shares are being offered and sold only outside the United States in offshore transactions in reliance on Regulations and applicable laws and jurisdictions where those issue and sales are made.

There is no public offering in United States of America.